# ଓଡିଶାରେ ଲଘୁ ବନଜାତ ସାମଗ୍ରୀ କ୍ଷେତ୍ରରେ ଗ୍ରା.ପ.ର ଭୂମିକା

ସମ୍ବିଧାନର ୭୩ତମ ସଂଶୋଧନ ଫଳରେ ପ୍ରଣୀତ ହୋଇଥିବା ଏକାଦଶ ସାରଣୀରେ ଯେଉଁ ୨୯ଟି ବିଷୟ ପଞ୍ଚାୟତର ନିୟନ୍ତ୍ରଣାଧୀନ ରହିବ ବୋଲି ଧାର୍ଯ୍ୟ କରାଗଲା, ତହିଁର ସପ୍ତମ ବିନ୍ଦୁରେ ରହିଛି, ଲଘୁ ବନଜାତ ସାମଗ୍ରୀ । ଏହାଛଡା ଓ.ଗ୍ରା.ପ.ଆଇନ୍ ୧୯୬୪ର ଧାରା-୪୪(ପଞ୍ଚାୟତର ଅବଶ୍ୟ-ପାଳନୀୟ ଦାୟିତ୍ୱସମୂହ)ର ଉପଧାରା (୧)ରେ ଲଘୁ ବନଜାତ ସାମଗ୍ରୀ ଗ୍ରାମପଂଚାୟତର ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ ରହିବ ବୋଲି କୁହାଯାଇଛି । ପୁଣି ଉପଧାରା (୨)ରେ କୁହାଯାଇଛି ଯେ, ୫ମ ଅନୁସୂଚୀ ଅଞ୍ଚଳରେ ଲଘୁ ବନଜାତ ସାମଗ୍ରୀର ମାଲିକାନା ଗ୍ରାମଶାସନର ନିୟନ୍ତ୍ରଣ ଓ ତତ୍ତ୍ୱାବଧାନରେ ରହିବ ବୋଲି କୁହାଯାଇଛି । ଏହି ପରିପ୍ରେକ୍ଷୀରେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅଣକାଷ୍ଠ ଲଘୁ ବନଜାତ ସାମଗ୍ରୀର ସଂଗ୍ରହ ଏବଂ ବ୍ୟବସାୟ ଉପରେ ଏକ ପ୍ରସ୍ତାବ ବିଜ୍ଞପ୍ତି ସଂଖ୍ୟା ୫୫୦୩/ଏଫ୍. ଆଣ୍ଡ ଇ. ତାରିଖ ୩୧ ମାର୍ଚ୍ଚ ୨୦୦୦ରେ ଘୋଷଣା କରିଥିଲେ, ଯାହାବଳରେ ପ୍ରଥମ ଥର ପାଇଁ ରାଜ୍ୟ ସରକାର ଲଘୁବନଜାତ ସାମଗ୍ରୀର ମାଲିକାନା ଜଙ୍ଗଲ ବିଭାଗ ଅଧୀନରେ ନରହି ଗ୍ରାମ ପଞ୍ଚାୟତ ଅଧୀନରେ ରହିବାର ନୀତିକୁ ସ୍ୱୀକୃତି ଦେଲେ । ଏହାପରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ବିଜ୍ଞପ୍ତି ସଂଖ୍ୟା ଏଲ୍.ଏସ୍.-୩-୪୧/୨୦୦୦ ତାରିଖ ୨୬.୫.୨୦୦୦ ବଳରେ ଏକ ଆଦେଶ ଜାରିକଲେ, ଯାହା ଅନୁଯାୟୀ ଲଘୁ ବନଜାତ ସାମଗ୍ରୀର ବେପାର କରିବାକୁ ଆଗ୍ରହୀ ଯେ କୌଣସି ବ୍ୟବସାୟୀ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ ନିକଟରେ ନିଜକୁ ପଂଜିକରଣ କରିବା ପାଇଁ ଉଦ୍ଦିଷ୍ଟ ଫିସ୍ ସହିତ ଏକ ବିହିତ ଫର୍ମରେ ଆବେଦନ କରିବା ପାଇଁ କୁହାଗଲା । ଏଥିରେ ପୁଣି କୁହାଗଲା ଯେ, ଯଦି କୌଣସି ବ୍ୟବସାୟୀ ନିର୍ଦ୍ଧାରିତ ମୂଲ୍ୟ ଠାରୁ କମ୍ ମୂଲ୍ୟରେ ସ୍ଥାନୀୟ ଅଧିବାସୀଙ୍କ ଠାରୁ ଲଘୁ ବନଜାତ ସାମଗ୍ରୀ ସଂଗ୍ରହ କରୁଥିବାର ପ୍ରମାଣ ମିଳେ ତେବେ ଗ୍ରାମପଞ୍ଚାୟତ ତାଙ୍କର ପଂଜିକରଣକୁ ରଦ୍ଦ କରିଦେଇ ପାରିବେ । ଏହାପରେ ପୁଣି ୧୫ ନଭେମ୍ବର ୨୦୦୨ରେ ରାଜ୍ୟ ଗେଜେଟ୍‌ରେ ଜାରି ହେଲା ଏକ ବିଜ୍ଞପ୍ତି (ସଂଖ୍ୟା ୨୦୯୧), ଓଡିଶା ଗ୍ରାମ ପଞ୍ଚାୟତ (ଲଘୁ ବନଜାତ ସାମଗ୍ରୀ ପ୍ରଶାସନ) ନିୟମାବଳୀ ୨୦୦୨, ଯାହା ଅନୁଯାୟୀ ବର୍ତ୍ତମାନ ଉଭୟ ଅନୁସୂଚୀତ ଓ ଅଣ-ଅନୁସୂଚୀତ ଅଞ୍ଚଳରେ ଗୋଟିଏ ଗ୍ରାମପଞ୍ଚାୟତର ଇଲାକା ମଧ୍ୟରେ ଥିବା ୬୮ଗୋଟି ଲଘୁବନଜାତ ସାମଗ୍ରୀର ନିୟନ୍ତ୍ରଣ ସଂପୃକ୍ତ ଗ୍ରାମପଞ୍ଚାୟତକୁ ନ୍ୟସ୍ତ କରାଯାଇଛି ।

## ଓଡିଶା ଗ୍ରାମପଞ୍ଚାୟତ (ଲଘୁ ବନଜାତ ସାମଗ୍ରୀ ପ୍ରଶାସନ) ନିୟମାବଳୀ ୨୦୦୨

ଏହି ନିୟମାବଳୀ ଅନୁଯାୟୀ ଗ୍ରାମର ପରିସୀମା ଭିତରେ ଥିବା ସରକାରୀ ଜମି ବା ଜଙ୍ଗଲ ଜମିରୁ ତଥା ସଂରକ୍ଷିତ ଜଙ୍ଗଲରୁ ଗ୍ରାମବାସୀମାନେ ସଂଗ୍ରହ କରୁଥିବା ଲଘୁ ବନଜାତ ସାମଗ୍ରୀର ସଂଗ୍ରହ ଏବଂ ବ୍ୟବସାୟ ଉପରେ ଗ୍ରାମପଞ୍ଚାୟତର ନିୟନ୍ତ୍ରଣ ରହିବ । ଏହିସବୁ ସାମଗ୍ରୀକୁ ପ୍ରାଥମିକ ସଂଗ୍ରହକର୍ତ୍ତାମାନଙ୍କ ଠାରୁ କିଣିବା ତଥା ଗ୍ରାମପଞ୍ଚାୟତର ଇଲାକା ମଧ୍ୟରେ ବିକିବା ପାଇଁ ଲାଇସେନ୍ସ ସକାଶେ ଜଣେ ଆଗ୍ରହୀ ବ୍ୟକ୍ତିଙ୍କୁ ଗ୍ରାମପଞ୍ଚାୟତ ନିକଟରେ ପଞ୍ଜିକରଣ କରିବାକୁ ପଡିବ । ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସମୟାନ୍ତରରେ ବିଜ୍ଞପ୍ତି କରାଯାଉଥିବା ପଞ୍ଜିକରଣ ଫିସ୍ ଦାଖଲ କରି ଦରଖାସ୍ତ କରିବାକୁ ପଡିବ । ଉକ୍ତ ନିୟମାବଳୀର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକ ହେଲା,

- ବନ ସୁରକ୍ଷା ସମିତି ଏବଂ ଏହାର ସଭ୍ୟସଭ୍ୟାମାନଙ୍କୁ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ।
- ପଞ୍ଚାୟତ ସମିତି ଦ୍ୱାରା ପ୍ରତିବର୍ଷ ସେପ୍ଟେମ୍ବର ମାସରେ ବିଭିନ୍ନ ଲଘୁ ବନଜାତ ସାମଗ୍ରୀର ନ୍ୟୂନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରାଯିବ ଏବଂ ଏହି ସୂଚନା ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟାଳୟ ତଥା ସଂପୃକ୍ତ ସମସ୍ତ ଗ୍ରା.ପ.ଗୁଡିକୁ ପଠାଯିବ ।
- ସ୍ଥାନୀୟ ଆବଶ୍ୟକତାକୁ ଭିତ୍ତି କରି ନ୍ୟୂନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରାଯିବ ଏବଂ ଗ୍ରାମସଭା ଏହାକୁ ଅନୁମୋଦନ କରିବ ।
- ଯଦି ଗୋଟିଏ ପଞ୍ଚାୟତ ସମିତି ନ୍ୟୂନତମ ସଂଗ୍ରହ ମୂଲ୍ୟ ନିର୍ଦ୍ଧାରଣ କରିବାରେ ବିଫଳ ହୁଏ ତେବେ ସଂପୃକ୍ତ ଜିଲ୍ଲାପାଳ ଅକ୍ଟୋବର ମାସରେ ପଞ୍ଚାୟତ ସମିତିର ଏକ ବୈଠକ ଡକାଇ ଏହାକୁ ନିର୍ଦ୍ଧାରଣ କରିବେ ।
- ପଂଜିକୃତ ବ୍ୟବସାୟୀ ପ୍ରତି ମାସରେ ଏବଂ ବର୍ଷରେ ଥରେ ବିହିତ ଫର୍ମରେ ସଂଗ୍ରହ ଓ ବିକ୍ରୀର ବିବରଣୀ ଦାଖଲ କରିବେ ।
- ଗ୍ରାମ ପଞ୍ଚାୟତ ବର୍ଷକୁ ଥରେ ଜଙ୍ଗଲ ବିଭାଗର ଉପଖଣ୍ଡ (ରେଞ୍ଜ) ଅଧିକାରୀଙ୍କ ନିକଟକୁ ସଂଗ୍ରହ ଏବଂ ବ୍ୟବସାୟର ବିବରଣୀ ଦାଖଲ କରିବେ ।
- ଯଦି କୌଣସି ପଂଜିକୃତ ବ୍ୟବସାୟୀ ପ୍ରାଥମିକ ସଂଗ୍ରହକର୍ତ୍ତାଙ୍କୁ ନିର୍ଦ୍ଧାରିତ ହୋଇଥିବା ନ୍ୟୂନତମ ମୂଲ୍ୟ ଦେବାର ନିୟମକୁ ଉଲ୍ଲଂଘନ କରନ୍ତି ତେବେ ଏ ବିଷୟରେ ସରପଞ୍ଚ ତଦନ୍ତ କଲାପରେ ଗ୍ରା.ପ.ର ବୈଠକ ବସି ଉକ୍ତ ବ୍ୟବସାୟୀଙ୍କର ପଞ୍ଜିକରଣକୁ ରଦ୍ଦ କରିବା ପାଇଁ ନିଷ୍ପତ୍ତି ନେଇ ପାରନ୍ତି । ପଞ୍ଜିକରଣ ରଦ୍ଦ ହେବା ସତ୍ତ୍ୱେ ଯଦି ଉକ୍ତ ବ୍ୟବସାୟୀ ପୁଣି ଗ୍ରା.ପ. ଇଲାକା ଭିତରେ ନିଜର କାରବାର ଚଳାଇ ରଖନ୍ତି,

ତେବେ ସରପଞ୍ଚ ଓ ସଂପାଦକ ଏ ବିଷୟରେ ଏକ ଅଭିଯୋଗ ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ.)ଙ୍କୁ ଦାଖଲ କରିବେ । ଡି.ଏଫ୍.ଓ. ଉକ୍ତ ବ୍ୟବସାୟୀଙ୍କ ନିୟନ୍ତ୍ରଣରେ ଥିବା ସମସ୍ତ ଲଘୁ ବନଜାତ ସାମଗ୍ରୀକୁ ଜବତ କରିବେ ଏବଂ ସର୍ବସାଧାରଣରେ ନିଲାମ କରିବେ । ନିଲାମରୁ ମିଳିଥିବା ଅର୍ଥକୁ ଜଙ୍ଗଲ ଆଇନ୍ ଅନୁଯାୟୀ ଉପଯୁକ୍ତ ହିସାବ-ଶୀର୍ଷକ ଅଧୀନରେ ଜମା ଦିଆଯିବ ।

- ଯଦି କୌଣସି ବ୍ୟବସାୟୀ ନିଜକୁ ଗ୍ରା.ପ. ନିକଟରେ ପଞ୍ଜିକରଣ ନକରି ଗ୍ରା.ପ. ଇଲାକା ଭିତରେ ଲଘୁ ବନଜାତ ସାମଗ୍ରୀର ବ୍ୟବସାୟ କରୁଥାନ୍ତି, ତେବେ ସରପଞ୍ଚ ବା ସଂପାଦକ ଏ ବିଷୟରେ ଏକ ଅଭିଯୋଗ ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ.)ଙ୍କୁ ଦାଖଲ କରିବେ, ଏବଂ ଡି.ଏଫ୍.ଓ. ତାହା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।
- ନିୟମାବଳୀ ୨୦୦୨ର ନିୟମ ୯(୧) ଅନୁଯାୟୀ ପଞ୍ଜିକରଣ ଫିସ୍ ସରକାରୀ ଉଦ୍ୟୋଗ ଯଥା ଓ.ଏଫ୍.ଡି.ସି. ଏବଂ ଟ୍ରାଇଫେଡ୍‌ଙ୍କୁ ଦେବାକୁ ପଡିବନି ।

## ନିୟମାବଳୀ ୨୦୦୨ ଅନୁଯାୟୀ ୬୮ଟି ଲଘୁ ବନଜାତ ସାମଗ୍ରୀର ତାଲିକା-

୧. ତେନ୍ତୁଳି, ମଞ୍ଜିଛଡା ତେନ୍ତୁଳି ଓ ତେନ୍ତୁଳି ମଞ୍ଜି
୨. ମହୁଲ ଫୁଲ
୩. ପାହାଡି ଝାଡୁ
୪. କଣ୍ଟା ଛାଞ୍ଚୁଣି
୫. ଫୁଲ ଝାଡୁ
୬. ଛାଞ୍ଚୁଣି ଘାସ
୭. କୋଚିଲା ମଞ୍ଜି
୮. ହରିଡା
୯. ବାହାଡା
୧୦. ଅଁଳା
୧୧. ସାବୁନ କୋଳି(ରିଠା ଫଳ)
୧୨. ଚିହ୍ନ କୋଳି
୧୩. ସଂଫେ କୋଳି (ନିର୍ମଳା)
୧୪. ମହୁ
୧୫. ଶିଆଳି ପତ୍ର
୧୬. ସବାଇ ଘାସ
୧୭. ଆମ୍ବ ଟାକୁଆ
୧୮. ଛାଞ୍ଚୁଣି ଘାସ
୧୯. ଶିମିଳି ତୁଳା
୨୦. ପାଲୁଅ ମହୁ
୨୧. ଧାତୁକି ଫୁଲ ଥଚା ଘାସ
୨୨. ପୁତ୍ରାଣି
୨୩. ସିକାକାଇ
୨୪. ଜଙ୍ଗଲ ଗବ
୨୫. ପଳାଶ ମଞ୍ଜି
୨୬. ଶିଆଳି ମଞ୍ଜି
୨୭. ଇନ୍ଦ୍ର ଜବ
୨୮. ଗିଲ (ମଞ୍ଜି ଓ ଚୋପା)
୨୯. ବେଣା ଚେର
୩୦. ବଣ ହଳଦୀ
୩୧.ଗବ
୩୨. ବାସିଲ୍
୩୩. ବଣ କୋଳଥ
୩୪. ମାଖନା ମଞ୍ଜି
୩୫. ତାଳମାଖନା ମଞ୍ଜି
୩୬. ବାଇଡଙ୍କ ମଞ୍ଜି
୩୭. ବାଘନଖି ମଞ୍ଜି
୩୮. କମଳାଗୁଣ୍ଡି ଫଳ
୩୯. ଲଣ୍ଡାବଗୁଲି
୪୦. ବେଲ
୪୧. ଚିରେଇତା (ଭୂଇଁ ନିମ୍ବ)
୪୨. ଖଜୁରି ପଟା
୪୩. ରୋହିଣୀ ଫଳ
୪୪. ଭୁସୁଙ୍ଗ ପତ୍ର
୪୫. ଫେଣଫେଣା ଫଳ
୪୬. ରସନା ଚେର
୪୭. ଶିଧ ଫଳ
୪୮. ଶେତାବରୀ
୪୯. କାଠ ଲଇ
୫୦. ଅଣ୍ଡୁ ଲଇ
୫୧. ଖେଲୁଅ ଲଇ
୫୨. ସୁଆମ୍ ଲଇ
୫୩. ଏଳଶିରା ଫଳ
୫୪. କାଠଛତୁ
୫୫. ମସିଣା ବେଣା
୫୬. ଅନନିଆ ମୂଳ
୫୭. ଅଣ୍ଟିଆ ପଟା
୫୮. ନାଗେଶ୍ୱର ଫୁଲ
୫୯. ମାଙ୍କଡ କେନ୍ଦୁ
୬୦. ଅତୁଣ୍ଡି ଫଳ
୬୧. ମହୁଲ ମଞ୍ଜି
୬୨. କୁସୁମ ମଞ୍ଜି
୬୩. କରଞ୍ଜ ମଞ୍ଜି
୬୪. ନିମ ମଞ୍ଜି
୬୫. ଚାର ମଞ୍ଜି
୬୬. ଚାକୁଣ୍ଡା ମଞ୍ଜି
୬୭. ବବୁଲ୍ ମଞ୍ଜି
୬୮. ବାଇବିରଙ୍ଗ ମଞ୍ଜି